ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଞ୍ଜାମ, ଛତ୍ରପୁର

(ଜରୁରୀକାଳୀନ ବିଭାଗ)

---

ବିଜ୍ଞାପନ ସଂଖ୍ୟା: ୧୦୨୬ ତାରିଖ: ୧୯.୦୫. ୨୦୨୬

## ଅସ୍ଥାୟୀ ମୋଟର ଲଞ୍ଚ ଡ୍ରାଇଭର ଓ ଖଲାସି ପଦ ନିମନ୍ତେ ବିଜ୍ଞାପନ

ଜିଲ୍ଲାପାଳ,ଗଞ୍ଜାମ, ଛତ୍ରପୁରଙ୍କ ଅଧୀନ ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର (DEOC) ଦ୍ୱାରା ଆଗାମୀ ଦିନମାନଙ୍କରେ ବନ୍ୟା ପରିସ୍ଥିତିରେ ରିଲିଫ୍ କାର୍ଯ୍ୟ ଉଦ୍ଦେଶ୍ୟରେ ୫(ପାଞ୍ଚ) ଜଣ ମୋଟର ଲଞ୍ଚ ଡ୍ରାଇଭର ଓ ୫(ପାଞ୍ଚ) ଜଣ ବୋଟ ଖଲାସି ସମ୍ପୂର୍ଣ୍ଣ ଅସ୍ଥାୟୀ ରୂପେ ନିୟୋଜିତ କରାଯିବା ପାଇଁ ଏହି ବିଜ୍ଞାପନ ଜାରି କରାଗଲା। ଏହି ଅସ୍ଥାୟୀ ନିଯୁକ୍ତି ନିୟୋଜିତ ଦିନଠାରୁ ୩୦.୧୧. ୨୦୨୬ ପର୍ଯ୍ୟନ୍ତ ବଳବତ୍ତର ହେବ ।

ଏହି ନିୟୋଜନ ସମ୍ପୂର୍ଣ୍ଣ ଅସ୍ଥାୟୀ ଅଟେ । ମୋଟର ଲଞ୍ଚ ଡ୍ରାଇଭର ଓ ଖଲାସିଙ୍କୁ ଯଥାକ୍ରମେ ଟ.୧୩,୯୦୦/- ଙ୍କା ଏବଂ ଟ.୧୨, ୬୦୦/- ଙ୍କା ହିସାବରେ ମାସିକ ପାରିଶ୍ରମିକ ଦିଆଯିବ । ଏହା ବ୍ୟତୀତ ସେମାନଙ୍କୁ ଆଉ କୌଣସି ଭତ୍ତା ଦିଆଯିବ ନାହିଁ ।

ଅସ୍ଥାୟୀ ଲଞ୍ଚ ଡ୍ରାଇଭର ପଦ ନିମନ୍ତେ ଆବେଦନ କରୁଥିବା ପ୍ରାର୍ଥୀଙ୍କ ସର୍ବନିମ୍ନ ଦ୍ୱିତୀୟ ଶ୍ରେଣୀ ଲଞ୍ଚ ଡ୍ରାଇଭିଙ୍ଗ ଲାଇସେନ୍ସ ପ୍ରମାଣପତ୍ର ବନ୍ଦର ଏବଂ ଆଭ୍ୟନ୍ତରୀଣ ଜଳ ପରିବହନ ନିର୍ଦ୍ଦେଶାଳୟ, ଓଡିଶା ଠାରୁ ପ୍ରାପ୍ତ ଥିବା ଆବଶ୍ୟକ ଏବଂ ସେମାନଙ୍କୁ ମୋଟର ଲଞ୍ଚ ଚାଳନା ଦକ୍ଷତା ପରୀକ୍ଷା ଅନୁସାରେ ମନୋନୀତ କରାଯିବ । ଅସ୍ଥାୟୀ ବୋଟ ଖଲାସି ପଦ ନିମନ୍ତେ ଆବେଦନ କରୁଥିବା ପ୍ରାର୍ଥୀଙ୍କ ନାବିକ ପ୍ରଶିକ୍ଷଣ ପ୍ରତିଷ୍ଠାନଠାରୁ ପ୍ରାପ୍ତ ନାବିକ ପ୍ରଶିକ୍ଷଣ ପ୍ରମାଣପତ୍ର ଥିବା ଆବଶ୍ୟକ । ଉଭୟ ଲଞ୍ଚ ଡ୍ରାଇଭର ଓ ବୋଟ୍ ଖଲାସି ପ୍ରାର୍ଥୀ ନଦୀ, କେନାଲ କିମ୍ବା ଯେକୌଣସି ପ୍ରବାହିତ ଜଳରାଶିରେ ୨୦ ମିନିଟରେ ୨୦୦ ମିଟର ପହଁରି ପାରୁଥିବା ଆବଶ୍ୟକ । ଯଦି କୌଣସି ଦୁଃସ୍ଥିତିରେ ପ୍ରାର୍ଥୀଙ୍କର ଜୀବନ ହାନି/ଶାରୀରିକ କ୍ଷତି ଘଟେ ସେଥିପାଇଁ ସେ ବ୍ୟକ୍ତିଗତ ଭାବେ ଦାୟୀ ରହିବେ । ଉଭୟ ଲଞ୍ଚ ଡ୍ରାଇଭର ଓ ବୋଟ ଖଲାସିଙ୍କ ଦକ୍ଷତା ପରୀକ୍ଷା ରାଜ୍ୟ ବନ୍ଦର ଯନ୍ତ୍ରୀ / ଅଗ୍ନିଶମ ବାହିନୀ ଅଧିକାରୀଙ୍କ ଦ୍ୱାରା କରାଯିବ । ଯେଉଁ ପ୍ରାର୍ଥୀମାନଙ୍କର ପୂର୍ବରୁ SPEO(State Port Engineering Organization)ର ଅଭିଜ୍ଞତା ଥିବ, ସେମାନଙ୍କୁ ନିୟୋଜନ କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ । ମନୋନୀତ ଲଞ୍ଚ ଡ୍ରାଇଭର ଓ ଖଲାସି କାର୍ଯ୍ୟରେ ଯୋଗ ଦେବା ପୂର୍ବରୁ ସ୍ୱାସ୍ଥ୍ୟ ଯାଞ୍ଚ ପ୍ରମାଣପତ୍ର ସରକାରୀ ଡ଼ାକ୍ତରଖାନା କର୍ତ୍ତୃପକ୍ଷଙ୍କ ନିକଟରୁ ଆଣି ପ୍ରଦାନ କରିବେ।

ଏହି ଅସ୍ଥାୟୀ ନିଯୁକ୍ତି ପାଇବାକୁ ଥିବା ଇଚ୍ଛୁକ ପ୍ରାର୍ଥୀମାନେ ଏଥିସହ ସଂଲଗ୍ନ ଥିବା ବିବରଣୀ ଅନୁସାରେ ଆବେଦନ ପତ୍ର ସହ ସମସ୍ତ ଆବଶ୍ୟକୀୟ କାଗଜପତ୍ର ଜିଲ୍ଲା ଜରୁରୀକାଳୀନ ବିଭାଗ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଞ୍ଜାମ, ଛତ୍ରପୁରକୁ ପଞ୍ଜୀକୃତ ଡାକ ଦ୍ୱାରା କିମ୍ବା ଉପରୋକ୍ତ କାର୍ଯ୍ୟାଳୟକୁ ନିଜେ ଆସି ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୫.୩୦ ଘଟିକା ମଧ୍ୟରେ ସରକାରୀ କାର୍ଯ୍ୟ ଦିବସ ଗୁଡିକରେ ଆବେଦନ କରିପାରିବେ । ଏହି ଆବେଦନର ଶେଷ ତା ୨୮.୦୫.୨୦୨୬ ରିଖ ଅଟେ ।ଏହା ପରେ କୌଣସି ଆବେଦନପତ୍ର ଗ୍ରହଣ କରାଯିବ ନାହିଁ । ଏହାର ସବିଶେଷ ବିବରଣୀ ଗଞ୍ଜାମ ଜିଲ୍ଲା ୱେବସାଇଟ https://ganjam.odisha.gov.in ରେ ଉପଲବ୍ଧ ।

ପ୍ରକାଶ ଥାଉ କି, ଆସନ୍ତା ତା ୨୯.୦୫.୨୦୨୬ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ପାଇଥିବା ଆବେଦନପତ୍ର ଗୁଡିକ ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ କରାଯାଇଥିବା ଅଧିକାରୀଙ୍କ ଦ୍ୱାରା ପ୍ରାର୍ଥୀଙ୍କ ଉପସ୍ଥିତିରେ ଯାଞ୍ଚ କରାଯିବ ଏବଂ ଅପରାହ୍ନ ୩.୩୦ ଘଟିକା ସମୟରେ ମନୋନୀତ ପ୍ରାର୍ଥୀମାନଙ୍କର ଦକ୍ଷତା ପରୀକ୍ଷା ଅନୁଷ୍ଠିତ ହେବ ।

ଜିଲ୍ଲାପାଳ, ଗଞ୍ଜାମ

COLGNJ-DEOC-MISC-0070-2025/3/2026

ପତ୍ର ସଂଖ୍ୟା: ୧୦୨୭ / ଜରୁରୀକାଳୀନ ତାରିଖ:୧୯.୦୫. ୨୦୨୬

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର, ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଛତ୍ରପୁରଙ୍କ ଗୋଚରାର୍ଥେ ପ୍ରେରଣ କରିବା ସହ ଜିଲ୍ଲା ୱେବସାଇଟ https://ganjam.odisha.gov.in ରେ ପ୍ରସାରିତ କରିବା ହେବେ।

ଏହାର ଏକକିତା ନକଲ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ଜାରି କରିବା ହେବେ।

ଏହାର ଏକକିତା ନକଲ ଗଞ୍ଜାମ ଜିଲ୍ଲାର ସମସ୍ତ ଉପଜିଲ୍ଲାପାଳ / ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ / ସମସ୍ତ ତହସିଲଦାର/ ସହକାରୀ ମତ୍ସ୍ୟ ଅଧିକାରୀ, ଛତ୍ରପୁରଙ୍କ ଗୋଚରାର୍ଥେ ଓ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, ଗଞ୍ଜାମ

COLGNJ-DEOC-MISC-0070-2025/3/2026

## ଅସ୍ଥାୟୀ ମୋଟର ଲଞ୍ଚ ଡ୍ରାଇଭର / ବୋଟ ଖଲାସି ନିଯୋଜନ ନିମନ୍ତେ ଦରଖାସ୍ତ

| |
|---|
| ପ୍ରାର୍ଥୀ ନିଜର ପାସପୋଟ ଏଠାରେ ଲଗାନ୍ତୁ । |

୧. ପ୍ରାର୍ଥୀଙ୍କ ନାମ :

୨. ଜନ୍ମ ତାରିଖ ଓ ବୟସ :
(ଜନ୍ମ ପ୍ରମାଣପତ୍ରର ନକଲ ସଂଲଗ୍ନ କରିବା ଆବଶ୍ୟକ)

୩. ପିତାଙ୍କ ନାମ :

୪. ସ୍ଥାୟୀ ଠିକଣା :

୫. ଶିକ୍ଷାଗତ ଯୋଗ୍ୟତା :
(ପ୍ରମାଣପତ୍ରର ନକଲ ସଂଲଗ୍ନ କରିବା ଆବଶ୍ୟକ)

୬. ମୋଟର ଲଞ୍ଚ ଚାଳନା / ନାବିକ ପ୍ରଶିକ୍ଷଣ ଯୋଗ୍ୟତା :
(ପ୍ରମାଣପତ୍ରର ନକଲ ସଂଲଗ୍ନ କରିବା ଆବଶ୍ୟକ)

୭. ମୋଟର ଲଞ୍ଚ ଚାଳନା / ବୋଟ ଖଲାସି ଅଭିଜ୍ଞତା:
(ଅଭିଜ୍ଞତାର ନକଲ ସଂଲଗ୍ନ କରିବା ଆବଶ୍ୟକ)

୮. ଅନ୍ୟ କିଛି :

ସ୍ଥାନ :

ପ୍ରାର୍ଥୀଙ୍କ ସ୍ୱାକ୍ଷର

ତାରିଖ:

## ଘୋଷଣା ନାମା

ଏତଦ୍ୱାର ମୁଁ ଶ୍ରୀ ..........................................................................ପିତା ...........................................................
ଗ୍ରାମ.......................................... ପୋଷ୍ଟ.......................................ଥାନା.......................................
ଜିଲ୍ଲା ......................., ସୁସ୍ଥ ମନମସ୍ତିଷ୍କରେ ବିନା କୌଣସି ପ୍ରରୋଚନାରେ ଘୋଷଣା କରୁଅଛି କି,

୧. ମୁଁ ଭଲ ଭାବରେ ନଦୀ, କେନାଲ କିମ୍ବା ଯେକୌଣସି ପ୍ରବାହିତ ଜଳରାଶିରେ ପହଁରା ଜାଣେ ।

୨. ସରକାରଙ୍କ ଦ୍ୱାରା ଧାର୍ଯ୍ୟ ପରୀକ୍ଷା ନିମନ୍ତେ ୨୦ ମିନଟ ସମୟ ସୀମା ମଧ୍ୟରେ ୨୦୦ ମିଟର ଦୂରତାକୁ ପହଁରି ଅନାୟାସରେ ଅତିକ୍ରମ କରିପାରିବି ।

୩. ପହଁରିବା ସମୟରେ, ଯଦି କୌଣସି ଅଘଟଣ ଘଟେ, ତେବେ ସେଥି ନିମନ୍ତେ ମୁଁ ନିଜେ ବ୍ୟକ୍ତିଗତ ଭାବେ ଦାୟୀ ରହିବି ଓ ସେଥି ନିମନ୍ତେ ସରକାରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ତାରିଖ :

ପ୍ରାର୍ଥୀଙ୍କ ସ୍ୱାକ୍ଷର